# NATIONAL NEWS BULLETIN (ODIA)

## 16 June 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଦୁଇ ଦେଶ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ଫ୍ରାନ୍ସରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।

– ସ୍ଲୋଭାକିଆର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନକୁ ୧୪୦ କୋଟି ଭାରତୀୟ ଓ ଭାରତ-ସ୍ଲୋଭାକିଆ ସମ୍ପର୍କ ପ୍ରତି ସମ୍ମାନ ବୋଲି କହିଲେ ଶ୍ରୀ ମୋଦୀ ।

- ଅଯୋଧ୍ୟା ରାମମନ୍ଦିରରେ ଦାନ ଓ ମୂଲ୍ୟବାନ ସାମଗ୍ରୀର ଆତ୍ମସାତ ସମ୍ପର୍କରେ ଆଜିଠାରୁ ଆରମ୍ଭ ହେବ ତଦନ୍ତ ।
- ପ୍ରକାଶ ପାଇଲା ଚଳିତ ବର୍ଷର ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାଫଳ ।

ଏବଂ

- ଫିଫା ବିଶ୍ୱକପ୍‌ରେ ସ୍ପେନ୍ ସହ ମ୍ୟାଚ୍ ଅମିମାଂଶିତ ରଖିଲା କ୍ଷୁଦ୍ର ଦେଶ କେପ୍‌ଭର୍ଦେ ।

## ପିଏମ୍-ଜି-୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଦୁଇ ଦେଶ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ଫ୍ରାନ୍ସର ଏଭିଆନ୍‌ରେ ପହଞ୍ଚିବେ। ସେଠାରେ ସେ G7 ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଫ୍ରାନ୍ସରେ ପହଞ୍ଚିବା ପରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ଶ୍ରୀ ମୋଦୀଙ୍କୁ ଔପଚାରିକ ଭାବେ ସ୍ୱାଗତ କରିବେ। ଏହି ସମ୍ମିଳନୀ କାଳରେ ପ୍ରଧାନମନ୍ତ୍ରୀ କାନାଡ଼ା ଓ ଯୁକ୍ତରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ବିଶ୍ୱ ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଜି-୭ ସମିଟ୍

ଫ୍ରାନ୍ସର ଏଭିଆନ୍‌ଠାରେ ୪୨ତମ ଜି-୭ ଶିଖର ସମ୍ମିଳନୀ ଗତକାଲି ଆରମ୍ଭ ହୋଇଛି। ବିଶ୍ୱର ଅଗ୍ରଣୀ ଅର୍ଥନୀତି ସମ୍ପନ୍ନ ଦେଶଗୁଡ଼ିକର ନେତାମାନେ ଏଥିରେ ବିଭିନ୍ନ ପ୍ରମୁଖ ଆନ୍ତର୍ଜାତିକ ଆହ୍ୱାନ ଉପରେ ଆଲୋଚନା କରୁଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ "ପ୍ରମୁଖ ଆନ୍ତର୍ଜାତିକ ଆହ୍ୱାନର ମୁକାବିଲା ପାଇଁ ମିଳିତ ଭାବେ କାର୍ଯ୍ୟ" ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି । ଶ୍ରୀ ମାକ୍ରୋନ୍ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ

କିର୍ ଷ୍ଟାର୍ମରଙ୍କ ସମେତ ଜି-୭ ଦେଶଗୁଡ଼ିକର ନେତାମାନଙ୍କୁ ଔପଚାରିକ ଭାବେ ସ୍ୱାଗତ କରିଥିଲେ। ଏହି ସମ୍ମିଳନୀରେ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର୍ ଲେୟେନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମଧ୍ୟ ଯୋଗ ଦେଇଛନ୍ତି। ଏହି ତିନିଦିନିଆ ଶିଖର ସମ୍ମିଳନୀରେ ବିଶ୍ୱସ୍ତରୀୟ ଅସନ୍ତୁଳନ ହ୍ରାସ, ପ୍ରମୁଖ ଭୂ-ରାଜନୈତିକ ସଙ୍କଟର ସମାଧାନ, ଶିଶୁମାନଙ୍କ ସମ୍ବନ୍ଧୀୟ ପ୍ରସଙ୍ଗ ଏବଂ ସଂଗଠିତ ଅପରାଧ ଓ ଅବୈଧ ଆର୍ଥିକ ପ୍ରବାହ ବିରୋଧୀ ଲଢ଼େଇକୁ ସୁଦୃଢ଼ କରିବା ନେଇ ବିଚାରବିମର୍ଶ କରାଯିବ ବୋଲି ଜଣାପଡ଼ିଛି ।

# ପିଏମ୍-ଆୱାର୍ଡ୍

ସ୍ଲୋଭାକିଆର ରାଷ୍ଟ୍ରପତି ପିଟର ପେଲିଗ୍ରିନି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ଲୋଭାକିଆର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ "The Order of the White Double Cross, First Class" ପ୍ରଦାନ କରିଛନ୍ତି। ଏହି ବିଶିଷ୍ଟ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ସ୍ଲୋଭାକିଆର ରାଷ୍ଟ୍ରପତି, ସରକାର ଏବଂ ସେଠାକାର ଜନସାଧାରଣଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମ୍ମାନ ଗ୍ରହଣ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ୧୪୦ କୋଟି ଜନତା ଏବଂ ଭାରତ-ସ୍ଲୋଭାକିଆ ମଧ୍ୟରେ ରହିଥିବା ଦୀର୍ଘସ୍ଥାୟୀ ବନ୍ଧୁତ୍ୱ ସମ୍ପର୍କ ପ୍ରତି ଏହା ଏକ ସମ୍ମାନ। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି

ପୁରସ୍କାର ଭାରତ ଓ ସ୍ଲୋଭାକିଆର ଜନସାଧାରଣଙ୍କ ମଧ୍ୟରେ ଥିବା ବିଶ୍ୱାସ ଓ ସ୍ନେହର ପ୍ରତୀକ।

## ରାମ ଟେମ୍ପୁଲ୍ ଡୋନେସନ୍

ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଓ ମୂଲ୍ୟବାନ ସାମଗ୍ରୀର ଆତ୍ମସାତ୍ ସମ୍ପର୍କିତ ଅଭିଯୋଗର ତଦନ୍ତ ପାଇଁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଆଜିଠାରୁ ତଦନ୍ତ ଆରମ୍ଭ କରିବ। ଲକ୍ଷ୍ନୌର ଡିଭିଜନାଲ କମିଶନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ଗଠିତ ଏହି ଏସ୍ଆଇଟିରେ ପୁଲିସ ମହାନିରୀକ୍ଷକ କିରଣ ଏସ୍ ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ନୀଲ ରତନ ସଦସ୍ୟ ଅଛନ୍ତି। ଦଳର ସମସ୍ତ ସଦସ୍ୟ ଗତକାଲି ଅଯୋଧ୍ୟାରେ ପହଞ୍ଚିସାରିଛନ୍ତି। ଗତକାଲି ସେମାନେ ଅଯୋଧ୍ୟାର କମିଶନର ଓ ଜିଲ୍ଲାପାଳଙ୍କ ସହ ରାମ ମନ୍ଦିର ପରିସର ପରିଦର୍ଶନ କରିଥିଲେ।

ରାମ ମନ୍ଦିରରେ ଅର୍ପଣ କରାଯାଇଥିବା ଦାନ ଏବଂ ମୂଲ୍ୟବାନ ସାମଗ୍ରୀର ପରିଚାଳନାରେ ଅନିୟମିତତା ସମ୍ପର୍କିତ ଅଭିଯୋଗ ହେବା ପରେ ରାଜ୍ୟ ସରକାର ଏହି ଏସ୍ଆଇଟି ଗଠନ କରିଛନ୍ତି। ତଦନ୍ତ ଏବେ ପ୍ରାଥମିକ ପର୍ଯ୍ୟାୟରେ ଥିବାବେଳେ କୌଣସି ତଥ୍ୟ ସାର୍ବଜନୀନ କରାଯାଇନାହିଁ। କମିଟିକୁ ସାତ ଦିନ ମଧ୍ୟରେ ପ୍ରାଥମିକ ରିପୋର୍ଟ ଏବଂ

୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ, ରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ମଧ୍ୟ ଅଯୋଧ୍ୟାରେ ଅବସ୍ଥାନ କରୁଛନ୍ତି। ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ, ତଦନ୍ତ ପ୍ରକ୍ରିୟାରେ କୌଣସି ପ୍ରକାର ବିଳମ୍ବ ହେବାକୁ ଦିଆଯିବ ନାହିଁ। ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଏସ୍ଆଇଟିକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ମିଟିଂ-ନିଟ୍ ୟୁଜି ରି-ଏକ୍ସାମ୍

କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ NEET (UG) ପୁନଃ ପରୀକ୍ଷା ୨୦୨୬ ପୂର୍ବରୁ ଗତକାଲି ସୁରକ୍ଷା ଏବଂ ଲଜିଷ୍ଟିକ୍ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ସେ NEET (UG) ପୁନଃ ପରୀକ୍ଷା ପାଇଁ ରାଜ୍ୟ ସରକାରମାନଙ୍କ ପ୍ରସ୍ତୁତି ନେଇ ମଧ୍ୟ ସମୀକ୍ଷା କରିଛନ୍ତି। ବିଶେଷକରି ଛାତ୍ରଛାତ୍ରୀମାନଙ୍କ ସୁବିଧା, ସୁରକ୍ଷା ବ୍ୟବସ୍ଥା ଏବଂ ପରୀକ୍ଷା ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ସମସ୍ତ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ସୁରକ୍ଷା ପ୍ରୋଟୋକଲ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ସୁଗମ ଯାତ୍ରା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ଅନୁରୋଧ କରାଯାଇଛି। ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବା ଲାଗି ରେଳବାଇର ଅଧ୍ୟକ୍ଷ ଆଶ୍ୱାସନା ଦେଇଛନ୍ତି।

ବୈଠକରେ ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବିଭାଗର ସଚିବ ଏବଂ ପୋଷ୍ଟାଲ ବିଭାଗ ସଚିବ, CRPF, CISF, BCASର ମହାନିର୍ଦ୍ଦେଶକ ଏବଂ ଜାତୀୟ ପରୀକ୍ଷଣ ସଂସ୍ଥା NTAର ମହାନିର୍ଦ୍ଦେଶକ ଓ କେନ୍ଦ୍ର ପ୍ରତିରକ୍ଷା ଏବଂ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୟୁପିଏସ୍‌ସି ସିଏସ୍‌ଇ-ରେଜଲ୍ଟ

କେନ୍ଦ୍ରୀୟ ଲୋକସଭା ଆୟୋଗ – ୟୁ.ପି.ଏସ୍.ସି. ଦ୍ୱାରା ପରିଚାଳିତ ଚଳିତ ବର୍ଷର ସିଭିଲ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ୟୁ.ପି.ଏସ୍.ସି.ର ୱେବ୍‌ସାଇଟ୍ **upsc.gov.in** ରେ ପରୀକ୍ଷା ଫଳ ଉପଲବ୍ଧ ହେଉଛି । ସୂଚନା ଅନୁଯାୟୀ ଚଳିତ ବର୍ଷ ଏକ

ହଜାରରୁ ଅଧିକ ପଦବୀ ପାଇଁ ୧୩ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଚୟନ କରାଯାଇଛି ।

ଚୂଡ଼ାନ୍ତ ଫଳ ପ୍ରକାଶ ପରେ କମିଶନ୍ଙ୍କ ୱେବସାଇଟ୍‌ରେ ପ୍ରାର୍ଥୀମାନଙ୍କ ରୋଲ୍ ନମ୍ବର, କଟ୍-ଅଫ୍ ନମ୍ବର ଏବଂ ଉତ୍ତର-ସୂଚୀ ଅପଲୋଡ୍ କରାଯିବ । ପ୍ରାର୍ଥୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ପରୀକ୍ଷା ଫଳ ଡାଉନଲୋଡ୍ କରିପାରିବେ ।

କମିଶନ ସୂଚନା ଅନୁଯାୟୀ, ଗତ ବର୍ଷ ୧ ହଜାର ୮୭ଟି ପଦବୀ ପାଇଁ ୧୪ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ମୁଖ୍ୟ  ପରୀକ୍ଷା ନିମନ୍ତେ ଚୟନ କରାଯାଇଥିଲା ।

# ୱେଷ୍ଟ ଏସିଆ

ପ୍ରାୟ ଚାରି ମାସ ଧରି ଚାଲିଥିବା ସଂଘର୍ଷର ଅବସାନ ଘଟାଇବା ଉଦ୍ଦେଶ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଏକ ଚୁକ୍ତି ଘୋଷଣା ହେବା ପରେ ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ ପାଇବା ନେଇ ସମ୍ଭାବନା ସୃଷ୍ଟି ହୋଇଛି । ଉଭୟ ଦେଶର ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ, ଏକ ବୁଝାମଣାପତ୍ରରେ ସ୍ୱାକ୍ଷର ସରିଛି ଏବଂ ଏହାର ଔପଚାରିକ ସ୍ୱାକ୍ଷର ସମାରୋହ ଆସନ୍ତା ଶୁକ୍ରବାର ଦିନ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ଅନୁଷ୍ଠିତ ହେବ । ଏହି ଚୁକ୍ତି ମାଧ୍ୟମରେ ହର୍ମୁଜ୍ ପ୍ରଣାଳୀ ପୁନର୍ବାର

ଖୋଲିବା, ସାମୁଦ୍ରିକ ଯାତାୟାତ ପୁନଃ ଆରମ୍ଭ କରିବା ସହ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଅସମାହିତ ପ୍ରସଙ୍ଗ ଉପରେ ୬୦ ଦିନିଆ ଆଲୋଚନା ପ୍ରକ୍ରିୟା ଆରମ୍ଭ ହେବାର ପଥ ଉନ୍ମୁକ୍ତ ହେବ ।

## ଗଭ୍ ୧୨ ଇୟର୍ସ୍

ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ଏବଂ ସଶକ୍ତୀକରଣ ପାଇଁ ସରକାର ଅନେକ ଜନକଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ଶୀର୍ଷକ ଏହି ଧାରାବାହିକରେ ଆଜି ଆସନ୍ତୁ ଜାଣିବା – ସରକାରଙ୍କ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ସମ୍ପର୍କରେ ।

ଗତ ବର୍ଷ ମେ' ୬ ଓ ୭ ତାରିଖର ମଧ୍ୟରାତ୍ରିରେ କରାଯାଇଥିବା 'ଅପରେସନ୍ ସିନ୍ଦୂର' ବିଶ୍ୱକୁ ଏକ ସ୍ୱଷ୍ଟ ବାର୍ତ୍ତା ଦେଇଥିଲା, ଭାରତ ଯୁଦ୍ଧ ଚାହୁଁନାହିଁ, କିନ୍ତୁ ଆତଙ୍କବାଦକୁ କଦାପି ସହ୍ୟ କରିବ ନାହିଁ। 'ଅପରେସନ୍ ସିନ୍ଦୂର' ଜରିଆରେ ଏକଥା ମଧ୍ୟ ସ୍ୱଷ୍ଟ କରାଯାଇଥିଲା, ଯଦି ଆତଙ୍କବାଦ କୌଣସି ରାଷ୍ଟ୍ରର ନୀତି ହୋଇଥାଏ, ତେବେ ତାହାର ସିଧାସଳଖ ଏବଂ

କଠୋର ଜବାବ ଦିଆଯିବ। ଲସ୍କର-ଏ-ତୋଏବା, ଜୈସେ-ଏ-ମହମ୍ମଦ ଏବଂ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଭଳି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ଲକ୍ଷ୍ୟ କରି ଭାରତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ସେମାନଙ୍କ ସଂଗ୍ରଚନାକୁ ଧ୍ୱଂସ କରିଦେଇଥିଲା । ଏହି ଅଭିଯାନରେ ଶହେରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ମେ’ ୯ ଏବଂ ୧୦ ତାରିଖରେ ଭାରତ ପ୍ରଥମ ଦେଶ ଭାବେ ପରମାଣୁ ଅସ୍ତ୍ରଧାରୀ ଏକ ରାଷ୍ଟ୍ରର ୧୧ଟି ବାୟୁସେନା ଘାଟି ଉପରେ ଆକ୍ରମଣ କରିଥିଲା। ଏହି ପଦକ୍ଷେପକୁ ନେଇ ବିଶ୍ୱସ୍ତରରେ ବ୍ୟାପକ ସମର୍ଥନ ମିଳିଥିଲା ଏବଂ ଅନେକ ବିଶ୍ୱ ନେତା ଭାରତ ପ୍ରତି ସମର୍ଥନ ବ୍ୟକ୍ତ କରିଥିଲେ।

ଭାରତ ସାତୋଟି ପଡ଼ୋଶୀ ଦେଶ ସହ ୧୫ ହଜାର କିଲୋମିଟରରୁ ଅଧିକ ବିସ୍ତୃତ ସ୍ଥଳସୀମାର ସୁରକ୍ଷା ପାଇଁ ‘ପ୍ରଥମେ ଦେଶ’ ନୀତିକୁ ଆଧାର କରି ଏକ ପ୍ରଭାବଶାଳୀ ବୈଦେଶିକ ନୀତି ଅନୁସରଣ କରାଯାଉଛି ଓ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ ଦିଗରେ ଦେଶ ଅଗ୍ରସର ହେଉଛି । ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସକ୍ଷମ କରିବା ପାଇଁ ସରକାର ଭାରତ-ବାଂଲାଦେଶ ସୀମାରେ ବାଡ଼ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଆତଙ୍କବାଦ ବିରୋଧରେ ‘ଶୂନ୍ୟ ସହନଶୀଳତା’ ନୀତି ପ୍ରତି ସରକାର ଦୃଢ଼ ପ୍ରତିବଦ୍ଧ ଅଛନ୍ତି ।

# ପ୍ରହଲ୍ଲାଦ ଯୋଶୀ–ଓ୍ୱିଣ୍ଡ୍ ଟର୍ବାଇନ୍

ଭାରତର ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରକୁ ଏକ ବୃହତ ପ୍ରୋତ୍ସାହନ ସ୍ୱରୂପ କେନ୍ଦ୍ର ନୂତନ ଓ  ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଗତକାଲି ବିଶ୍ୱ ପବନ ଦିବସ ଅବସରରେ ଗୋଆରେ ପ୍ରଥମ ପବନ ଟର୍ବାଇନ୍ ଯୋଗାଣ ଶୃଙ୍ଖଳ ପରିଚାଳନା ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଏବଂ ଭାରତୀୟ ପବନ ଟର୍ବାଇନ୍ ନିର୍ମାତା ସଂଘ ମିଳିତ ଭାବେ ଏହି ପୋର୍ଟାଲ୍‌ର ବିକାଶ କରିଛନ୍ତି ।

ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି, ପବନ ଶକ୍ତି କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରୁଛି । ସେ କହିଥିଲେ, ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶରେ ରେକର୍ଡ ୬ ଦଶମିକ ୧ ଗିଗାଓ୍ୱାଟ୍ ପବନ ଶକ୍ତି କ୍ଷମତା ସୃଷ୍ଟି ହୋଇଥିବାବେଳେ, ବାର୍ଷିକ ଆଧାରରେ ଏହା ୪୬ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି । ଦେଶର ମୋଟ ସ୍ଥାପିତ ପବନ ଶକ୍ତି କ୍ଷମତା ୫୬ ଦଶମିକ ୧ ଗିଗାଓ୍ୱାଟ୍ ଅତିକ୍ରମ କରିଥିବାରୁ, ବିଶ୍ୱର ଚତୁର୍ଥ ବୃହତ୍ତମ ପବନ ଶକ୍ତି ବଜାର ଭାବେ ଭାରତ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଛି ।

ଶ୍ରୀ ଯୋଶୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ପବନ ଟର୍ବାଇନ୍ ଏବଂ ଏହା ସମ୍ବନ୍ଧୀୟ ଉପାଦାନର ରପ୍ତାନି ୧୨ ହଜାର କୋଟି

ଟଙ୍କା ଅତିକ୍ରମ କରିଛି, ଯାହା ବିଶ୍ୱ ନବୀକରଣଯୋଗ୍ୟ ଶକ୍ତି ଶିଳ୍ପରେ ଭାରତର ବଢୁଥିବା ଗୁରୁତ୍ୱକୁ ପ୍ରତିଫଳିତ କରୁଛି ।

ଏହି ଅବସରରେ ନୂତନ ଓ ନବୀକରଣ ଯୋଗ୍ୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିର ବ୍ୟାପକ ପ୍ରୟୋଗ ମାଧ୍ୟମରେ ଶୂନ୍ୟ ଅଙ୍ଗାରକ ନିର୍ଗମନ ଲକ୍ଷ୍ୟ ହାସଲ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତା ଦର୍ଶାଇଛନ୍ତି ।

# ଫିଫା ୱାର୍ଲ୍ଡକପ୍

ଫିଫା ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିବା କ୍ଷୁଦ୍ର ଦେଶ କେପ୍‌ଭର୍ଦେ ଚମତ୍କାର ପ୍ରଦର୍ଶନ ପୂର୍ବକ ସ୍ପେନ୍ ସହ ମ୍ୟାଚ୍ ଅମିମାଂଶିତ ରଖିବାରେ ସକ୍ଷମ ହୋଇଛି । ୪୦ ବର୍ଷୀୟ ଗୋଲକିପର୍ ଭୋଜିନ୍‌ହାଙ୍କ ପ୍ରଦର୍ଶନ ବଳରେ କେପ୍‌ଭର୍ଦେ ଟୁର୍ଣ୍ଣାମେଣ୍ଟର ଅନ୍ୟତମ ସଫଳ ଦଳ ସ୍ପେନ୍‌କୁ କୌଣସି ଗୋଲ୍ କରିବାକୁ ସୁଯୋଗ ଦେଇନଥିଲା । ପ୍ରାୟ ପାଞ୍ଚ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଦ୍ୱୀପପୁଞ୍ଜ ରାଷ୍ଟ୍ର କେପ୍‌ଭର୍ଦେ ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ଖେଳୁଛି ।

୨୦୧୦ ମସିହାର ଚାମ୍ପିଅନ୍ ସ୍ପେନ୍ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଜିତିବା ଲକ୍ଷ୍ୟ ରଖିଥିବା ବେଳେ ଏହି ପରାଜୟ ନେଇ ଦଳର ପ୍ରଶିକ୍ଷକ

ଲୁଇସ୍ ଦେ ଲା ଫୁଏନ୍ତେ କହିଛନ୍ତି, କେପ୍‌ଭର୍ଦେ ଏହି ପ୍ରତିଯୋଗିତାର ଅନ୍ୟତମ ସଫଳ ଦଳ ଭାବେ ଉଭା ହୋଇପାରେ।